# ନିମାପଡ଼ା ଏନ୍‌ଏସି ପକ୍ଷରୁ ୫୨ତମ ସ୍ୱାୟତ୍ତ ଶାସନ ଦିବସ

ନିମାପଡ଼ା,୩୧।୮ (ସମିସ):



ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ୫୨ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତାଭାବେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥିଭାବେ ନିମାପଡ଼ା ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶଙ୍କ ସମେତ ସମସ୍ତ କାଉନ୍‌ସିଲର ଯୋଗଦେଇଥିଲେ। ଏହି ଅବସରରେ ନିମାପଡ଼ାର ବିଭିନ୍ନ ୱାର୍ଡର ଜଳନିଷ୍କାସନ ପାଇଁ ଡ୍ରେନେଜ୍ ନିର୍ମାଣ ନିମନ୍ତେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ୫ଟି ଡ୍ରେନେଜ୍‌ର ଶିଳାନ୍ୟାସ କରାଯାଇଥିବା ବେଳେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ ପାର୍କ ପରିସରରେ ୮ ଲକ୍ଷ ଟଙ୍କା ବ୍ୟୟରେ ୨ଟି ୱାଟର ଫାଉଣ୍ଟେନର ଉଦ୍‌ଘାଟନ କରାଯାଇଛି। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର କରାଯିବା ସହିତ ସେଠାରେ ଏକ ଟ୍ରମା ସେଣ୍ଟର ନିର୍ମାଣ କରାଯିବ ବୋଲି ଶ୍ରୀମତୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏନ୍‌ଏସିର ୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହିତ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକର୍ତ୍ତାଙ୍କ ସମେତ ଏନ୍‌ଏସିର ବିଭିନ୍ନ ବିଦ୍ୟାଳୟର କୃତୀ ପ୍ରତିଭାମାନଙ୍କୁ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, କାଉନ୍‌ସିଲର ନିରଞ୍ଜନ ନାୟକ, ଯୁବ ସଭାପତି ସାଇ ପ୍ରୀତମ ପଟ୍ଟନାୟକ, ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ପ୍ରଭାତ ନାୟକ, ଯଚିନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଅନାଥ ସାହୁଙ୍କ ସମେତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ କାଉନ୍‌ସିଲର ଧନୁର୍ଦ୍ଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ



ବ୍ରହ୍ମଗିରି,୩୧।୮ (ସମିସ): ବ୍ରହ୍ମଗିରି ମାଟିରେ ଜନ୍ମିତ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ରବିବାର ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ବ୍ରହ୍ମଗିରି ବଚପନ ସ୍କୁଲର ଏକ ପ୍ରେକ୍ଷାଳୟରେ ଆୟୋଜିତ ଏହି ସଭାରେ ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି କାଶୀନାଥ ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଐତିହ୍ୟ ଗବେଷକ ନୀଳମଣି ସୁଆର, ଭଜନ ତୀର୍ଥ ଭାଗୀରଥି ଦଳାଇ, କବି ପର୍ଶୁରାମ ପାତ୍ର, କବି ଦେବସ୍ମିତା ସାହୁ ପ୍ରମୁଖ ବକ୍ତବ୍ୟ ରଖି ଅତିବଡ଼ିଙ୍କ ଜୀବନୀ ସହିତ ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷା ପାଇଁ ତାଙ୍କର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଐତିହ୍ୟ ପରିଷଦର ସମ୍ପାଦକ ପ୍ରିୟ ପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭାଗବତ ପଠନ ସହିତ ଶେଷଭାଗରେ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

## ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ

କୁଣ୍ଢେଇ,୩୧।୮ (ସମିସ): ବାଜପୁର ରାଧାମାଧବ ପାଟଣା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାର ଶୁକ୍ଳ ଅଷ୍ଟମୀ ତିଥିରେ ପୁଣ୍ୟତୋୟା ପ୍ରାଚୀ ନଦୀ ଫୌଜଦାରି ଠାକୁରାଣୀଙ୍କ ଘାଟରୁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଜାବାଣ ସହ ଏକ ଶୋଭାଯାତ୍ରାରେ ଯାଇ ପଣ୍ଡିତ ନବଘନ ମିଶ୍ର ଓ ଦୀପକ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସରିବା ପରେ ପ୍ରାଚୀ ନଦୀରୁ ସତ୍ୟଜିତ୍ ସାହୁ ମାଟି ଉଠାଇଥିଲେ।



ସେଠାରୁ ଶୋଭାଯାତ୍ରାରେ ମାଟି ଆଣି ରାଧାମାଧବ ପାଟଣା ସାର୍ବଜନୀନ ଦୁର୍ଗା ମଣ୍ଡପରେ ପହଞ୍ଚିଥିଲେ ବୋଲି ଏହି ପୂଜାର ଆୟୋଜକ ନୃସିଂହନାଥ ୟୁଥ୍ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଓପିଡିରେ ରହୁନାହାନ୍ତି ଡାକ୍ତର; କ୍ୱାର୍ଟର୍ସରେ ଚାଲିଛି ରୋଗୀଦେଖା

ଅସ୍ତରଙ୍ଗ,୩୧।୮ (ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଅନେକ ଥର ବିଭିନ୍ନ ଅଭିଯୋଗ ଆସିଥିଲେ ବି ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ବର୍ତ୍ତମାନ ସନ୍ଦେହ ଘେରରେ। ଅନେକ ଥର ଅନେକ ପ୍ରସଙ୍ଗ ଉଠିଲେ ବି କାହିଁକି ପ୍ରଶାସନ ଚୁପ୍ ସେଥିପାଇଁ ବୁଦ୍ଧିଜୀବୀ ମହଲରେ ସନ୍ଦେହ ବୃଦ୍ଧି ପାଉଛି। କେତେବେଳେ ଡାକ୍ତର ରୋଗୀଙ୍କୁ ଦୁର୍ବ୍ୟବହାରର ଅଭିଯୋଗ ଆସିଲାଣି ତ କେତେବେଳେ କିଛି ନିର୍ଦ୍ଦିଷ୍ଟ ପାଥାଲ୍ୟାବ୍ ଆଉ ମେଡିସିନ ଷ୍ଟୋର୍‌ରୁ ମେଡିସିନ ଆଣିବାକୁ ଡାକ୍ତର ଚିଠା ଦେଉଛନ୍ତି। ଏହିଭଳି ଅନେକ ଅଭିଯୋଗ ସାମ୍ନାକୁ ଆସୁଛି। ଜିଲ୍ଲାରୁ ଅନୁଧ୍ୟାନ କରିବାକୁ ଟିମ୍ ଆସୁଛନ୍ତି, କାଗଜପତ୍ର ଲେଖାଯାଉଛି, ଗଣମାଧ୍ୟମକୁ ଉତ୍ତର ଦେଉଛନ୍ତି ପରବର୍ତ୍ତୀ ମୁହୂର୍ତ୍ତରେ ତଥ୍ୟ ଦିଆଯିବ। କିନ୍ତୁ କେଉଁଠି ସେ ଯାଞ୍ଚ ରିପୋର୍ଟ ଅଟକୁଛି ତାହା ଜଣାପଡୁନି। ରବିବାର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆହୁରି ଏକ ଦୃଶ୍ୟ ଆସିଛି ଓପିଡିରେ ଡାକ୍ତରଙ୍କ ଉପସ୍ଥିତ ସମୟ ସକାଳ ୮ଟାରୁ ୧୨ଟା ଥିବାବେଳେ ୯ଟାରେ ଓପିଡି ଖୋଲିବା ସହ ଡାକ୍ତରଙ୍କ ଦେଖାନାହିଁ। ଏପଟେ ଡାକ୍ତରଖାନାରେ ଫାନ୍ ବୁଲୁଛି, ଲାଇଟ୍ ଜଳୁଛି କାହାର ଦେଖାଦର୍ଶନ ନାହିଁ। କିନ୍ତୁ ସରକାରୀ କ୍ୱାର୍ଟର୍ସରେ ଡାକ୍ତର ରୋଗୀ ଦେଖୁଛନ୍ତି। ଏହି ଘଟଣାରେ ଅସ୍ତରଙ୍ଗ ବ୍ଲକ୍‌ର କପିଳେଶ୍ୱର ଯୁବ ପରିଷଦ ନିଜ 'ଏକ୍ସ' ମାଧ୍ୟମରେ ପୁରୀ ଜିଲ୍ଲାପାଳ, ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଯାହାର ଜିପିଏସ୍ ଫଟୋ ଏହି ଅଭିଯୋଗ ଫର୍ଦ୍ଦରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଇଛନ୍ତି। ଏହି ଘଟଣା ଉପରେ ଆମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି ବୋଲି କହିଛନ୍ତି। ଏବେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଅଭିଯୋଗ ପଛରେ କେତେ ସତ୍ୟତା ରହିଛି ତାହା ଯାଞ୍ଚ ପରେ ଜଣାପଡ଼ିବ।

## ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଷ୍ଟମୀ ଅନୁଷ୍ଠିତ

ସାକ୍ଷୀଗୋପାଳ,୩୧।୮ (ସମିସ): ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ପବିତ୍ର ଶ୍ରୀରାଧାଷ୍ଟମୀ। ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ଜନ୍ମତିଥି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ଜନ୍ମବିଧି ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଫୁଲମାଳ, ରଙ୍ଗ ବେରଙ୍ଗ ଆଲୋକମାଳାରେ ମନ୍ଦିରକୁ ସଜେଇ ଦିଆଯାଇଛି। ଠାକୁରାଣୀ ଶ୍ରୀରାଧାରାଣୀଙ୍କ ଜନ୍ମବିଧି ଦେବନୀତି ମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଠାକୁରାଣୀ ଶ୍ରୀରାଧାରାଣୀଙ୍କ ପୂର୍ଣ୍ଣ ସ୍ନାନ, ନୂତନ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର ସହିତ ଫୁଲମାଳ ଲାଗି ଅନୁଷ୍ଠିତ ହୋଇଥିଲା। ବୀରକେଶରୀ ବଲ୍ଲଭ ଭୋଗ ପରେ ମନ୍ଦିର ଗର୍ଭଗୃହରେ ଶ୍ରୀରାଧାଙ୍କ ଜନ୍ମବିଧି ପାଳନ କରାଯାଇଥିଲା। ମନ୍ଦିର ପୁରୋହିତ, ପୁରାଣ ପଣ୍ଡିତ, ପୂଜାପଣ୍ଡା, ସିଂହାରୀ, ପାଳିଆ ପତ୍ରୀ, ଆପଟ ଓ ଭଣ୍ଡାର ମେକାପ ଏଥିରେ ସାମିଲ୍ ହୋଇ ଦେବନୀତି ସମ୍ପାଦନ କରିଥିଲେ। ଶିଶୁ ରାଧିକାଙ୍କ ଜନ୍ମ, କୁଆଁ କୁଆଁ ଡାକ, ନାଭିଛେଦନ, ସ୍ନାନ, ଖିରପାନ, ନୂତନ ବସ୍ତ୍ର, ଅଳଙ୍କାର, ଫୁଲହାର ଲାଗି କରାଯାଇଥିଲା। ନାମକରଣ, ଜନ୍ମକୋରା ଭୋଗ ପରେ ରତ୍ନ ସିଂହାସନ ଉପରେ ବିରାଜିତ ଠାକୁରାଣୀ ଶ୍ରୀ ଶ୍ରୀରାଧାରାଣୀଙ୍କ ସୁନାବେଶ ଆଳତି, ଉପଚାର, ଜାତଭୋଗ ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।

## ବନ୍ଦେ ମାତରମ୍ ଫାଉଣ୍ଡେସନ ପକ୍ଷରୁ ତାଳମଞ୍ଜି ରୋପଣ



ବ୍ରହ୍ମଗିରି,୩୧।୮ (ସମିସ): ବର୍ତ୍ତମାନ ସମୟରେ କାଳବୈଶାଖୀର ପ୍ରାଦୁର୍ଭାବ ଅଦିନରେ ଦେଖିବାକୁ ମିଳୁଛି। ଏହି କାଳବୈଶାଖୀ ସମୟରେ ଯେଉଁଥିପାଇଁ ଅଦିନରେ ଅନେକ ଚାଷୀ ହୁଅନ୍ତୁ କିମ୍ବା ସାଧାରଣ ଲୋକମାନେ ବ୍ରଜପାତର ଶିକାର ହେଉଛନ୍ତି। ଏହି ବ୍ରଜପାତକୁ ମୁକାବିଲା କରିବା ପାଇଁ ତାଳଗଛ ହେଉଛି ଏକମାତ୍ର ସାହାଭରସା। ଏହାକୁ ଲକ୍ଷ୍ୟ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବନ୍ଦେ ମାତରମ୍' ଫାଉଣ୍ଡେସନ ପକ୍ଷରୁ ୨ହଜାର ତାଳମଞ୍ଜିକୁ ରବିବାର ବାଲିହରଚଣ୍ଡି ପୀଠରେ ଥିବା ନଦୀବନ୍ଧ ଦାଡ଼ରେ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହିପରି ଆଗକୁ ମଧ୍ୟ ଅନେକ ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର ସଦସ୍ୟମାନେ ସମୂହ ମତବ୍ୟକ୍ତ କରିଛନ୍ତି।

## ତେଜରାତି ଦୋକାନରୁ ଚୋରିକରି ଗିରଫ

ବଳଙ୍ଗା,୩୧।୮ (ସମିସ): ବଳଙ୍ଗା ଥାନା ନିକଟସ୍ଥ ଉଗ୍ରେଶ୍ୱର ଦେଉଳି ଗ୍ରାମର ତେଜରାତି ଦୋକାନରୁ ଚୋରି ହୋଇଥିବାବେଳେ ଘଟଣାରେ ଅଭିଯୁକ୍ତ ଗିରଫ ହୋଇଛି। ସୂଚନା ମୁତାବକ, ଶୈଳବାଳା ବେହେରା କରିଥିବା ଅଭିଯୋଗ ଅନୁଯାୟୀ, କେନାଲ ବନ୍ଧ ପାଖରେ ତାଙ୍କ ସ୍ୱାମୀ ଧୋବେଇ ବେହେରାଙ୍କ ଏକ ତେଜରାତି ଦୋକାନ ଥିବାବେଳେ ଗତ ୨୯ ତାରିଖ ରାତି ୧୦ଟା ସମୟରେ ଦୋକାନ ବନ୍ଦକରି ଘରକୁ ଆସିଥିଲେ। ରାତି ୨ଟା ସମୟରେ ତାଙ୍କ ନିଦ ଭାଙ୍ଗିବାରୁ ଦୋକାନ ଭିତରୁ ମୁହଁରେ କଳା କପଡ଼ା ବାନ୍ଧି କିଛି ଯୁବକ ମାରଣାସ୍ତ୍ର ଧରି ଚୋରି କରିଥିବା ଜିନିଷ ଧରି ପଳାଇବାକୁ ଉଦ୍ୟମ କରୁଥିଲେ। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିବା ସହିତ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଭିତରୁ ଜଣେ ତାଙ୍କୁ ମାରିବାକୁ ଉଦ୍ୟମ କରିବାବେଳେ ଶୈଳବାଳା କୌଶଳ କ୍ରମେ ସମ୍ପୃକ୍ତ ଚୋରର ମୁହଁରୁ କପଡ଼ା ଖୋଲିଦେବାରୁ ଗ୍ରାମର ପ୍ରସନ୍ନ ନାଏକ ବୋଲି ଚିହ୍ନିଥିଲେ। ସେ ତାଙ୍କୁ ସେଠାରେ ଧକ୍କା ଦେଇ ପଳାଇଗଲା। ଏହି ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ୧୯୦/୨୫ରେ ଏକ ମାମଲା ରୁଜୁ କରି ରବିବାର ପୁଲିସ ପ୍ରସନ୍ନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ



କାକଟପୁର/ଗମ୍ଭାରୀପଦା,୩୧।୮ (ସମିସ): ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି କାକଟପୁର ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ସ୍ଥାୟୀ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, କୋଷାଧ୍ୟକ୍ଷ କ୍ଷୀରୋଦ ମହାନ୍ତି, ପୂର୍ବତନ ସମ୍ପାଦକ ନିରୋଧ ବରଣ ମହାନ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ କ୍ଷେତ୍ରମୋହନ ଦାଶ, ଚିତ୍ତରଞ୍ଜନ କର, ଦୁଃଶାସନ ନାୟକ, ବିକ୍ରମ କୁମାର ଜୟସିଂହ, ବୈଦ୍ୟନାଥ ମହାନ୍ତି, ତ୍ରିଲୋଚନ ମିଶ୍ର, ପ୍ରମୋଦ ନାୟକ, କାର୍ଯ୍ୟକାରିଣୀ କମିଟିର ସଭ୍ୟ ଅଶୋକ କୁମାର ଶତପଥିଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ଆଗାମୀ ଦିନରେ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ଭବିଷ୍ୟତ ରୂପରେଖ ଉପରେ ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକର ଦ୍ୱିତୀୟାର୍ଦ୍ଧରେ କୃଷି ଓ କୃଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ କୃଷିଭିତ୍ତିକ କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀକୁ ସୁନାବ୍ୟା କରି ଜଳସେଚନ ସୁବିଧା, କୃଷକମାନଙ୍କ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ କାକଟପୁରର ସମସ୍ୟା ଓ ଏନ୍‌ଏସି ମାନ୍ୟତା ପାଇଁ କାକଟପୁରର ଜନସାଧାରଣଙ୍କ ଦାବି ନେଇ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ କାକଟପୁର ନିର୍ବାଚନମଣ୍ଡଳୀ ପ୍ରତି ଅନ୍ୟାୟ କରାଯାଇ ସାଧାରଣ ଜନତାଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ମତପ୍ରକାଶ ପାଇଥିଲା। ଏହି ସାମ୍ବାଦିକ ସମିଳନୀରେ କାକଟପୁର ପ୍ରେସ୍ କ୍ଲବ୍‌ର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସହିତ ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ରାଧାଷ୍ଟମୀରେ ମଙ୍ଗଳାଙ୍କ ଦୁର୍ଗାଶୟନ ନୀତି

ଗମ୍ଭାରୀପଦା,୩୧।୮ (ସମିସ): ଭାଦ୍ରବ ମାସ ଶୁକ୍ଳ ପକ୍ଷ ରବିବାର ପବିତ୍ର ରାଧାଷ୍ଟମୀରୁ ଆରମ୍ଭ ହୋଇଛି ପାର୍ବଣର ପ୍ରାରମ୍ଭିକ ପ୍ରକ୍ରିୟା ଦୁର୍ଗାଶୟନ ନୀତି। କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ପରମ ବୈଷ୍ଣବୀ କ୍ଷେତ୍ର, ମା' ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କ ସ୍ୱରୂପର ଏକ ରୂପ ବୋଲି ଅନେକ ଶାସ୍ତ୍ରକାର ଉଲ୍ଲେଖ କରିଥିବାବେଳେ ଏଠି ମା' ବନଦୁର୍ଗା ମନ୍ତ୍ରରେ ପୂଜା ପାଉଛନ୍ତି। ଧରାପୃଷ୍ଠରେ ମହିଷାସୁରକୁ ବଧ କରିବାକୁ ମା' ଦୁର୍ଗା ପ୍ରକୃତି ରୂପିଣୀ ଧରାବତରଣ କରିଥିଲେ। ସତ୍ୟ ଯୁଗର କଥା ଆଜି ବି ସମସ୍ତ ଶକ୍ତି ପୀଠରେ ସ୍ୱତନ୍ତ୍ର ନୀତିକାନ୍ତିରେ ପାଳନ ହେଉଥିବାବେଳେ ରବିବାର କାକଟପୁରରେ ବିଳମ୍ବିତ ରାତ୍ରରେ ଦୁର୍ଗାଶୟନ ନୀତି ଅନୁଷ୍ଠିତ ହୋଇଛି। ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ କରି ଅଗୁରୁ, ଚୁଆ, ଚନ୍ଦନ, ଜାଇଫଳ, ହଳଦୀ, କର୍ପୂର ବିଭିନ୍ନ ଦ୍ରବ୍ୟରେ ପ୍ରସ୍ତୁତ ସୁବାସିତ ୧୦୮ ଗଡୁ ଜଳରେ ମହାସ୍ନାନ କରାଯାଇଛି। ଏହାପରେ ମା'ଙ୍କର ଶ୍ରୀଙ୍ଗାର କରାଯାଇ ବସ୍ତ୍ର ଓ ଶ୍ରୀଙ୍ଗାର ଦ୍ରବ୍ୟ ଅର୍ପଣ ହୋଇ ଖିରି ଭୋଗ ଲଗାଯାଇଛି। ଗୋଟେ ପଲଙ୍କରେ ମା'ଙ୍କ ପାଇଁ ସୁସଜ୍ଜିତ ବିଛଣାରେ ମା'ଙ୍କୁ ଶୟନ କରାଯାଇଛି। ୭ ଦିନ ପରେ ମା' ଦକ୍ଷିଣ ମୋଡ଼ ନେବେ, ଆଉ ମୂଳାଷ୍ଟମୀରେ ମା'ଙ୍କ ଶୟନ ଭଙ୍ଗ ହେଲେ ଆଶ୍ୱିନ ମାସ ଶାରଦୀୟ ଦୁର୍ଗା ପୂଜାର ଷୋହଳ ପୂଜା ଆରମ୍ଭ ହେବ।

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଗୋପ,୩୧।୮ (ସମିସ): ରବିବାର ମଧ୍ୟାହ୍ନରେ ଗୋପ-କୋଣାର୍କ ରାସ୍ତାର ସାନକୁହୁରା ଛକ ନୂତନ ପେଟ୍ରୋଲ ପମ୍ପ ଠାରେ ଏକ କାର୍ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ସମେତ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। କାର୍ ଚାଳକ ଜଣକ ଫେରାର୍ ହେବାକୁ ଉଦ୍ୟମ କରୁଥିବାବେଳେ ରାସ୍ତାକଡ଼କୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ା ପାଟପୁର ଗ୍ରାମର ମିତାଲି ନାୟକ ଓ ଜଗତସିଂହପୁର ନାଉଗାଁ ଅଞ୍ଚଳର ଅଭିଳାଷ ସ୍ୱାଇଁ ଏକ ବାଇକ୍ ଯୋଗେ କୋଣାର୍କ ଯାଉଥିବାବେଳେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ପୁରୀ ପଥୁରିଆ ସାହିର ପ୍ରଣବ ରଥଶର୍ମା ଏକ କାର୍ ଯୋଗେ ଯାଉଥିଲେ। କାର୍‌ଟି ଦ୍ରୁତଗତିରେ ଯାଉଥିବାବେଳେ ଗୋପ-କୋଣାର୍କ ରାସ୍ତାର ସାନକୁହୁରା ଛକ ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। କାର୍‌ଚାଳକ ଫେରାର୍ ହେବାକୁ ଉଦ୍ୟମ କରୁଥିବାବେଳେ କେଉତୁଙ୍ଗା ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସି ପଡ଼ିଥିଲା। କାର୍‌କୁ ପିଛା କରିଆସୁଥିବା କିଛି ବ୍ୟକ୍ତି କାର୍‌ଚାଳକଙ୍କୁ ଧରି ଉତ୍ତମମଧ୍ୟମ ଦେବା ସହ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ଗୁରୁତର ଆହତ ହୋଇଥିବା ଦୁଇ ବ୍ୟକ୍ତିଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଗୋପ ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଜାରି ରଖିଛି।

**ଫେରାର୍ ଉଦ୍ୟମ ବେଳେ ରାସ୍ତାକଡ଼କୁ ଖସିଗଲା କାର୍; ଚାଳକକୁ ପୁଲିସ ଜିମା**

## ମା' ମଙ୍ଗଳାଙ୍କ ଖୁଦୁରୁକୁଣୀ ପୂଜା ଉଦ୍‌ଯାପିତ

କଣାସ,୩୧।୮ (ସମିସ): ପୁରାଣ ବର୍ଣ୍ଣିତ ସାଧବ ଝିଅ ତଅପୋଇ ଉପରେ ତା'ର ଭାଉଜମାନେ ଅକଥନୀୟ ଅତ୍ୟାଚାର କରିଥିବାବେଳେ ସେ ମା' ମଙ୍ଗଳାଙ୍କୁ ଆଶ୍ରୟ କରି କିପରି ଉଦ୍ଧାର ହୋଇଥିଲା ସେଥିପାଇଁ ଯୁବତୀମାନେ ଭାଦ୍ରବ ମାସର ସମସ୍ତ ରବିବାର ମା'ଙ୍କ ପୂଜା କରୁଛନ୍ତି। ଆଜି ଭାଦ୍ରବ ମାସର ଶେଷ ରବିବାର ହୋଇଥିବାରୁ ମା' ମଙ୍ଗଳାଙ୍କ ପୂଜା ଓ ଖୁଦୁରୁକୁଣୀ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଛି। ପ୍ରଭାତରୁ କୁଆଁରୀ ଝିଅମାନେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ନଦୀ ବା ପୋଖରୀ କୂଳରେ ବାଲୁକାରେ ମୂର୍ତ୍ତି ତିଆରି କରି ରଙ୍ଗବେରଙ୍ଗର ଫୁଲ ସଜାଇ ବିଭିନ୍ନ ଫଳ ଭୋଗରାଗ କରିଥିଲେ। ସନ୍ଧ୍ୟାରେ ମା' ମଙ୍ଗଳାଙ୍କ ପାଇଁ ନିର୍ମାଣ କରିଥିବା ରଙ୍ଗବେରଙ୍ଗର ତୋରଣ ମଧ୍ୟରେ ତଅପୋଇ ପୁସ୍ତକ ପଠନ କରିବାପରେ ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ। ଅନେକ ମଣ୍ଡପରେ ରାତିସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



## ପିପିଲି ଏନ୍‌ଏସିରେ ୫୪ତମ ସ୍ୱାୟତ୍ତ ଶାସନ ଦିବସ

ପିପିଲି,୩୧।୮ (ସମିସ): ପିପିଲି ଏନ୍‌ଏସି ତରଫରୁ ୫୪ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପିପିଲି ପୌରାଞ୍ଚଳ ପରିଷଦ ପରିସରରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପୌର ପରିଷଦର କାର୍ଯ୍ୟାଳୟ ମଧ୍ୟରେ ଆୟୋଜିତ ସଭାରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ସାଂସଦ ସମ୍ବିତ୍ ପାତ୍ର, ପରିଷଦ ଅଧ୍ୟକ୍ଷ ଏସ୍‌କେ ରାଜୁ, ସାଂସଦ ପ୍ରତିନିଧି ସୁକାନ୍ତ ଭଟ୍ଟ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। ପିପିଲି ଏନ୍‌ଏସିର ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଉଦ୍ୟମ ଚାଲିଥିବା ବିଧାୟକ କହିଥିଲେ। ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ସଭାପତିତ୍ୱ କରିଥିବାବେଳେ ପିପିଲି ମହାବିଦ୍ୟାଳୟର ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।



## ଜାତୀୟ କ୍ରୀଡ଼ା ଦିବସ ପାଳିତ



ଡେଲାଙ୍ଗ,୩୧।୮ (ସମିସ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସିଆର୍‌ସିସି ସୁଦୀପ୍ତ ପରିଡ଼ା, ଦୁର୍ଯ୍ୟୋଧନ ପ୍ରଧାନ, ମନୋରଞ୍ଜନ ମହାରଣା, ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଭୋଇ, ସ୍ମୃତିରେଖା ଚୌଧୁରୀ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ବିଷ୍ଣୁପ୍ରିୟା ଜେନା, ସୌଭାଗ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପିପିଲିରେ ସାର ଅଭାବ ନେଇ ଚାଷୀ ହନ୍ତସନ୍ତ

ପିପିଲି,୩୧।୮ (ସମିସ):

ଖରିଫ୍ ଋତୁ ଆରମ୍ଭରୁ ବର୍ଷାର ଲୁଚକାଳି ଖେଳରେ ବ୍ୟତିବ୍ୟସ୍ତ ଚାଷୀ। ଗଡ଼ିଆ, ପୋଖରୀ, ଜୋର, ଲିଫ୍ଟରୁ ପାଣି ବୋହି ଯେନତେନ ପ୍ରକାରେ ଚାଷୀ ରୁଆ ବେଉଷଣ କରିଥିଲାବେଳେ ବର୍ତ୍ତମାନ ସାରର ଅଭାବୀ ବିକ୍ରି ଚାଷୀଙ୍କୁ ହନ୍ତସନ୍ତ କରିଛି। ସାରର ଅଭାବ ନେଇ କୃଷକମାନେ ଗୁରୁତ୍ୱର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପିପିଲିରେ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବାବେଳେ ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦରବୃଦ୍ଧି ଚାଷୀକୂଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇଦେବାରେ ସରକାର ବିଫଳ ହୋଇଛନ୍ତି ବୋଲି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି।

ସେପଟେ ଚାଷୀ ପଞ୍ଜୀକରଣଠାରୁ ଧାନ ବିକ୍ରି ସହ ଧାନ ରୋଇବା ପର୍ଯ୍ୟନ୍ତ ଅନେକ ସମସ୍ୟାରେ ପଡ଼ିଛନ୍ତି ଚାଷୀ। ମଣ୍ଡିରେ କଟ୍‌ନୀ ଛଟ୍‌ନୀ ପରେ ଏବେ ଧାନଚାଷ ପାଇଁ ମିଳୁନି ସାର। ଯାହାକୁ ନେଇ ପୁରୀ ଜିଲ୍ଲା ପିପିଲିରେ ଦେଖାଦେଇଛି ଚାଷୀଙ୍କ ଅସନ୍ତୋଷ। ପିପିଲି, ମଙ୍ଗଳପୁର, ତେଇଶିପୁର, ସାତଶଙ୍ଖ ଆଦି ଅଞ୍ଚଳରେ ଦେଖାଦେଇଛି ୟୁରିଆ ସାରର ଅଭାବ। ଧାନ ରୋଇବା ପରେ ଏବେ ଧାନ ଗଛଗୁଡ଼ିକ ମୂଳ ଧରିବା ଆରମ୍ଭ ହେଉଥିବାବେଳେ ଏବେ ଧାନ କ୍ଷେତରେ ୟୁରିଆ ସାର ପକାଇବାର ଉପଯୁକ୍ତ ସମୟ। ମାତ୍ର ସଠିକ୍ ପରିମାଣର ସାର ମିଳୁ ନ ଥିବାରୁ ଧାନଗଛର ମୂଳ ଦୁର୍ବଳ ହେବା ସହ ଫସଲ ନଷ୍ଟ ହେବାରେ ପ୍ରଭାବ ପଡ଼ିବ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚାଷୀଙ୍କ କଥାକୁ ସମର୍ଥନ କରିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ। ଚଳିତ ବର୍ଷ ପିପିଲି ବ୍ଲକ୍‌ରେ ୧୦ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି। ଚାଷୀମାନଙ୍କ ମଧ୍ୟରୁ ଯିଏ ଯେଉଁଠାରୁ ପାଇଲା ବସ୍ତା ପ୍ରତି ୩୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ୟୁରିଆ ସାର ସଂଗ୍ରହ କରିଥିବାବେଳେ ଅଧିକାଂଶ ଚାଷୀ ସାର ବିହୁନେ ଚିନ୍ତାରେ ଅଛନ୍ତି। ପୋଡ଼ଙ୍ଗ ଗ୍ରାମର ଚାଷୀ ଟୁଲୁ ଗୁରୁ, ନୂଆଗୋଡ଼ି ଗ୍ରାମର ଅଜୟ ପ୍ରଧାନ, ବାବନ ପ୍ରଧାନ, ଲକ୍ଷ୍ମଣ ବେହେରା ଅଭିଯୋଗ କରି ଆମେ ବ୍ୟାଗ୍‌ରେ ଆଧାର କାର୍ଡ ସାଇକଲ ପଛରେ ଅଖା ଧରି ପିପିଲିରୁ ସାତଶଙ୍ଖ ପର୍ଯ୍ୟନ୍ତ ବୁଲିଗଲାଣି, କିନ୍ତୁ କୋଉ ସାର ଦୋକାନରେ ୟୁରିଆ ସାର ମିଳୁନଥିବା କହିଛନ୍ତି। ବର୍ତ୍ତମାନ ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ। ଚାଷୀଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ନ ଦେଲେ ଆଗାମୀ ଦିନରେ ପିପିଲିରେ ଏକ ବଡ଼ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କହିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସାହୁ।

